# Prime Minister of Denmark calls on the President of India

October 09, 2021

## ଡେନମାର୍କର ପ୍ରଧାନମନ୍ତ୍ରୀ ଭାରତର ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଛନ୍ତି

**ଅକ୍ଟୋବର 09, 2021**

ଭାରତ ଗସ୍ତରେ ଆସିଥିବା ଡେନମାର୍କର ପ୍ରଧାନମନ୍ତ୍ରୀ ମାନ୍ୟବର ଶ୍ରୀମତୀ ମେଟ୍ଟେ ଫ୍ରେଡେରିକସେନ ଆଜି (9 ଅକ୍ଟୋବର 2021) ରାଷ୍ଟ୍ରପତି ଭବନରେ ଭାରତର ରାଷ୍ଟ୍ରପତି ଶ୍ରୀ ରାମ ନାଥ କୋବିନ୍ଦଙ୍କୁ ସାକ୍ଷାତ କରିଛନ୍ତି। କୋଭିଡ-19 ମହାମାରୀ ଆରମ୍ଭ ହେବା ପରେ ଡେନମାର୍କର ପ୍ରଧାନମନ୍ତ୍ରୀ ହେଉଛନ୍ତି ପ୍ରଥମ ରାଷ୍ଟ୍ରମୁଖ୍ୟ ଯାହାଙ୍କୁ ରାଷ୍ଟ୍ରପତି ସ୍ୱାଗତ କରିଛନ୍ତି।

ଡେନମାର୍କର ପ୍ରଧାନମନ୍ତ୍ରୀ ଏବଂ ତାଙ୍କ ପତିଙ୍କୁ ଭାରତକୁ ସ୍ୱାଗତ କରି ରାଷ୍ଟ୍ରପତି କହିଥିଲେ ଯେ ଭାରତ ଏବଂ ଡେନମାର୍କ ଦୀର୍ଘ ଦିନ ଧରି ବନ୍ଧୁ ହୋଇ ରହିଆସିଛନ୍ତି ଏବଂ ଆମର ମଧୁର ଓ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଇତିହାସ ତଥା ସମାନ ମୂଲ୍ୟବୋଧ ଓ ଆକାଂକ୍ଷା ଉପରେ ଆଧାରିତ। ଭାରତ ଏବଂ ଡେନମାର୍କ ମଧ୍ୟରେ ନିକଟରେ ଆରମ୍ଭ ହୋଇଥିବା ସବୁଜ ରଣନୀତିକ ଭାଗିଦାରୀ ଆମର ସମ୍ପର୍କକୁ ଆହୁରି ମଜବୁତ କରିବ। ସେ ଆହୁରି ମଧ୍ୟ କହିଥିଲେ ଯେ ଭାରତ ଏବଂ ଡେନମାର୍କ ମଧ୍ୟରେ ବାଣିଜ୍ୟ ଓ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଦୃଢ ସମ୍ପର୍କ ରହିଛି ଏବଂ ଡେନମାର୍କର ସରକାରୀ ତଥା ଘରୋଇ କ୍ଷେତ୍ର ଭାରତର ବିଭିନ୍ନ ରାଜ୍ୟରେ ସକ୍ରିୟ ଭାବରେ ଜଡିତ ହୋଇ ପ୍ରମୁଖ ରାଷ୍ଟ୍ରୀୟ ମିଶନ ଯେପରିକି ମେକ୍ ଇନ୍ ଇଣ୍ଡିଆ, ଜଳ ଜୀବନ ମିଶନ, ସ୍ମାର୍ଟ ସିଟି, ଡିଜିଟାଲ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ, କ୍ଲିନ୍ ଇଣ୍ଡିଆ, କ୍ଲିନ୍ ଗଙ୍ଗା ଏବଂ ଅନ୍ୟ ପ୍ରକଳ୍ପଗୁଡିକୁ ଆଗକୁ ବଢାଉଛନ୍ତି।

ରାଷ୍ଟ୍ରପତି ଡେନମାର୍କର ମହାରାଣୀ ମାର୍ଗ୍ରେଥ ଦ୍ୱିତୀୟଙ୍କୁ ଆସନ୍ତା ବର୍ଷ ଭାରତ ଗସ୍ତରେ ଆସିବା ପାଇଁ ଆମନ୍ତ୍ରଣ କରିଥିଲେ। ଆସନ୍ତା ବର୍ଷ ମହାରାଣୀ ମାର୍ଗ୍ରେଥ ଦ୍ୱିତୀୟଙ୍କ ରାଜତ୍ୱର ସୁବର୍ଣ୍ଣ ଜୟନ୍ତୀ ବର୍ଷ ତଥା ଭାରତର ସ୍ୱାଧୀନତାର 75 ବର୍ଷ ପୂର୍ତ୍ତି ହେବ। ସେ ଆହୁରି ମଧ୍ୟ କହିଥିଲେ ଯେ 1963 ମସିହାରେ କ୍ରାଉନ୍ ରାଜକୁମାରୀ ଭାବରେ ଡେନମାର୍କର ରାଣୀ ମାର୍ଗ୍ରେଥ ଦ୍ୱିତୀୟଙ୍କ ଭାରତ ଗସ୍ତ ଭାରତରେ ଏବେ ମଧ୍ୟ ସ୍ମରଣୀୟ ହୋଇ ରହିଛି।

ଭାରତରେ କୋଭିଡ-19 ମହାମାରୀର ଦ୍ୱିତୀୟ ଲହରୀ ସମୟରେ ଏକତା ପାଇଁ ରାଷ୍ଟ୍ରପତି ଡେନମାର୍କର ମହାରାଣୀ ତଥା ସରକାର ଏବଂ ଲୋକଙ୍କୁ ଧନ୍ୟବାଦ ଜଣାଇଥିଲେ।

**ନୂଆଦିଲ୍ଲୀ**

**ଅକ୍ଟୋବର 09, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.